ପ୍ରମେୟ
ତାରିଖ: ୨୦.୦୨.୨୦୧୮

# ବିଆଇଆଇଟିଏମ୍‌ରେ ବି-ଫେଷ୍ଟ ଉଦ୍‌ଯାପିତ

ଭୁବନେଶ୍ୱର,୧୯।୨(ବ୍ୟୁରୋ): ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ୍ ମ୍ୟାନେଜମେଣ୍ଟ (ବିଆଇଆଇଟିଏମ୍)ରେ ଦୁଇଦିନ ଧରି ଚାଲିଥିବା 'ବି-ଫେଷ୍ଟ' ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସାର୍ଥକ ଶଙ୍କର ଭଗତ ଯୋଗଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାସଲିଡ୍ ସିମେଣ୍ଟ କମ୍ପାନିର ମାର୍କେଟିଂ ଉପସଭାପତି ସଞ୍ଜୀବ ଗୁପ୍ତା ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ଆଇଡିଆ ସେଲୁଲାର କମ୍ପାନିର ମାନବ ସମ୍ବଳ ସାଧାରଣ ପରିଚାଳକ ମନୀଷ କିଶୋର, ବର୍ଜର ପେଣ୍ଟ୍‌ର ରାଜ୍ୟ ମୁଖ୍ୟ ସମ୍ବିତ୍ ଦାଶ ଓ ହ୍ୱିର୍ଲପୁଲ ଇଣ୍ଡିଆ ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ଶୋଭିତ ଅଗ୍ରୱାଲ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷଣୀୟ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ମାର୍କେଟିଂ ବିଭାଗର ଇ-ମାଗାଜିନ୍ 'ଭର୍ବାଟିମ୍' ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର୍ ପ୍ରତାପ କୁମାର ବଳବନ୍ତରାୟ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

